## ସଂକ୍ଷେପରେ

### ଅବକାରୀ ବିଭାଗର ଚଢ଼ାଉ,୩ ଗିରଫ

ମାଲକାନଗିରି,୨୯।୮(ଡି.ଏନ୍‌.ଏ.)- ମାଲକାନଗିରି ଜିଲା ଅବକାରୀ ବିଭାଗ ପକ୍ଷରୁ ଶନିବାର ବାଲିମେଳା ଅଞ୍ଚଳର ସୁର୍ଲୁକୋଣ୍ଡା, ଉଷ୍ଣାପାଲି, ନୀଳଖମାର ଆଦି ଗ୍ରାମରେ ଚଢ଼ାଉ କରି ୫୫୫ ଲିଟର ଦେଶୀ ମଦ, ଦେଶୀମଦ ତିଆରି ହେଉଥିବା ସାମଗ୍ରୀ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଜିଲା ଅବକାରୀ ବିଭାଗ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା।

### ଗଜପତିରେ ପୁଣି ୨୦ କରୋନା ଆକ୍ରାନ୍ତ ଚିହ୍ନଟ

ପାରଳାଖେମୁଣ୍ଡି,୨୯।୮ (ସ୍ୱ.ପ୍ର.) - ଗଜପତି ଜିଲାରେ ଶନିବାର ପୁଣି ୨୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୮୨୯ରେ ପହଞ୍ଚିଛି। ଆକ୍ରାନ୍ତ ୨୦ଜଣଙ୍କ ମଧ୍ୟରୁ ଗୁମ୍ମା, ଗୋଷାଣୀ, ମୋହନା, ନୂଆଗଡ, ଆର୍‌.ଉଦୟଗିରି ବ୍ଲକରୁ ଜଣେ ଲେଖାଏ, କାଶୀନଗର ବ୍ଲକରୁ ୩, ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୬, ରାୟଗଡ ବ୍ଲକରୁ ୫, ଜିଲା ବାହାରୁ ଜଣେ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟ କର୍ମୀଙ୍କ ଯାଞ୍ଚବେଳେ ୭ଜଣ, ପୂର୍ବସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୧୧ଜଣ, ଜଣେ କରୋନା ଯୋଦ୍ଧା ଓ ଜିଲା ବାହରୁ ଜଣେ ଚିହ୍ନଟ ହୋଇଥିବା ଗଜପତି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୩୫ ବର୍ଷ ପରେ ଗ୍ରାମକୁ ଫେରିଲେ ଜଗପତି

ପାରଳାଖେମୁଣ୍ଡି,୨୯।୮ (ସ୍ୱ.ପ୍ର.)- ଗଜପତି ଜିଲା ରାୟଗଡ ବ୍ଲକ ତାଳମୁଣ୍ଡା ପଞ୍ଚାୟତ ଆବରସିଙ୍ଗ ଗ୍ରାମର ଜଗପତି କାର୍ଜି ୩୫ ବର୍ଷ ପରେ ଘରକୁ ଫେରିଛନ୍ତି। ଶନିବାର ଏନେଇ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଅନୁପମ ଶାହା ସୂଚନା ଦେଇ କହିଛନ୍ତି ଯେ, ଜଗପତି ଯାହାଙ୍କ ପ୍ରକୃତ ନାମ ଦୟା ଭୂୟାଁ। ସେ ସ୍ୱର୍ଗତ ମାଗତା ଭୂୟାଁଙ୍କ ପୁଅ। ଜଗପତିଙ୍କ ମାଆବାପା ଏବେ ଜୀବିତ ନାହାନ୍ତି। ତାଙ୍କର ଭାଇ ସୁକୁ ଭୂୟାଁ ଓ ଭଉଣୀ ମୁଙ୍ଗୁଲୁ ଭୂୟାଁ ଆବରସିଙ୍ଗ ଗ୍ରାମରେ ବସବାସ କରୁଛନ୍ତି। ଜଗପତି ରୋଜଗାର କରିବା ଉଦ୍ଦେଶ୍ୟରେ ୩୫ବର୍ଷ ପୂର୍ବେ ଅରୁଣାଚଳ ପ୍ରଦେଶ ଯାଇଥିଲେ। କୌଣସି କାରଣରୁ ସେ କାମ କରୁଥିବା କମ୍ପାନୀ ବନ୍ଦ ହୋଇଯିବା ପରେ ସେଠାରେ ଲୋୟର ସବନସିରି ଜିଲାର ଜିରୋ ଟାଉନ ଅଞ୍ଚଳରେ ଥିବା ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ଜଗପତି ବସବାସ କରୁଥିଲେ। ଜନ୍ମସ୍ଥାନ ଓଡିଶାକୁ ଫେରିବାକୁ ଇଚ୍ଛା ଥିଲେ ମଧ୍ୟ ଅର୍ଥ ଓ ସାହାଯ୍ୟ ସହଯୋଗ ଅଭାବରୁ ସେ ଘରକୁ ଫେରି ପାରୁ ନ ଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କଥା ଜାଣିବା ପରେ ତାଙ୍କୁ ଫେରାଇ ଆଣିବା ପାଇଁ 'ଓଡିଶା ମୋ ପରିବାର'କୁ ନିର୍ଦ୍ଦେଶ ଦେଇଥିଲେ। 'ଓଡିଶା ମୋ ପରିବାର'ର ଅନୁରୋଧରେ ଜଗପତିଙ୍କ ପରିବାର ଲୋକେ ଗଜପତି ଜିଲାପାଳଙ୍କୁ ଯୋଗାଯୋଗ କରିଥିଲେ। ପରେ ଜିଲାପାଳ ସହକାରୀ ଶ୍ରମ ଅଧିକାରୀ ସୁଭାଷ ଚନ୍ଦ୍ର ମଣ୍ଡଳଙ୍କୁ ଅରୁଣାଚଳ ପ୍ରଦେଶ ପଠାଇଥିଲେ। ଜଗପତି ବର୍ତ୍ତମାନ ଗଜପତି ଜିଲାର ନିଜ ଗ୍ରାମରେ ପହଞ୍ଚିଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ହୋମ୍‌ କ୍ୱାରେଣ୍ଟାଇନରେ ରଖାଯିବ। ତାଙ୍କୁ ଆଧାର କାର୍ଡ, ରାଶନକାର୍ଡ ଓ ଭୋଟର କାର୍ଡ ତୁରନ୍ତ ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜଗପତି, ଜିଲା ସହକାରୀ ଶ୍ରମ ଅଧିକାରୀ ମଣ୍ଡଳ, ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସରୋଜ କୁମାର ବେହେରା, ଦାୟିତ୍ୱରେ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଭାକର ତ୍ରିପାଠୀ, ଜଗପତିଙ୍କ ପୁତୁରା ମୁକୁନ୍ଦ ଭୂୟାଁ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

ଫିରିଙ୍ଗିଆ,୨୯।୮- ଗୋଚ୍ଛାପଡା ଥାନା ପୋଲିସ ଲୋହରା ସାହିଠାରେ ଚଢ଼ାଉ କରି ଏକ ବାଇକ୍‌ରୁ ୨୫ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବାଇକ୍‌ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲ ଦଡ଼କି ପଞ୍ଚାୟତ କାଣିଦଣି ଗ୍ରାମର ବିଶ୍ୱଜିତ୍‌ ବେହେରା। ବାଇକ୍‌ରେ ବିଶ୍ୱଜିତ୍‌ ଗଞ୍ଜେଇ ନେଇ ଫୁଲବାଣୀ ଆଡକୁ ଆସୁଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ଏ ନେଇ ନଂ.୫୦/୨୦ରେ ମାମଲା ରୁଜୁ କରାଯାଇଛି।

# ମାଓବାଦୀ କାର୍ଯ୍ୟକଳାପ, କୋଭିଡ୍‌ ମୁକାବିଲାର ସମୀକ୍ଷା କଲେ

**କୋରାପୁଟ ମାଲକାନଗିରିରେ ଡିଜିପି**
- ସଂକ୍ରମିତ ପୋଲିସ ଅଧିକାରୀ, କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ
- ବର୍ଷକରେ ୪୦ ହଜାର କେଜି ଗଞ୍ଜେଇ, ୬୦ ଲକ୍ଷ ଟଙ୍କା ଜବତ

କୋରାପୁଟ/ମାଲକାନଗିରି, ୨୯।୮(ସ୍ୱ.ପ୍ର./ଡି.ଏନ.ଏ.)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅଭୟ ଶନିବାର ଦିନିକିଆ କୋରାପୁଟ ଗସ୍ତରେ ଆସି କରୋନା ମୁକାବିଲା, ମାଓବାଦୀ ସମସ୍ୟା, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଗଞ୍ଜେଇ ଚୋରାଚାଲାଣ ବିଷୟରେ ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲା ପୋଲିସ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ମାଓବାଦୀ କାର୍ଯ୍ୟକଳାପ ନେଇ ବିଏସ୍‌ଏଫ୍‌, ଏସ୍‌ଓଜି ଏବଂ କୋବ୍ରା ବାଟାଲିୟନର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାରେ ମାଓବାଦୀ କାର୍ଯ୍ୟକଳାପ କମିଛି ବୋଲି ସେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ବର୍ଷକ ମଧ୍ୟରେ ଜିଲାରୁ ୪୦ ହଜାର କେଜି ଗଞ୍ଜେଇ ଏବଂ ନଗଦ ୬୦ ଲକ୍ଷ ଟଙ୍କା ଜବତ ହୋଇଛି। ଏତେ ପରିମାଣରେ ଗଞ୍ଜେଇ ଜିଲାରୁ ଗତ ୧୦ ବର୍ଷ ମଧ୍ୟରେ ଜବତ ହୋଇ ନ ଥିବା ଡିଜିପି ପ୍ରକାଶ କରି ଜିଲା ପୋଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁ ଏଭଳି ସଫଳତା ମିଳିଥିବା କହିଥିଲେ। ଏହି ଅବସରରେ କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୋ ଏବଂ ଜିଲା ପୋଲିସ ଟିମ୍‌କୁ ପ୍ରଶଂସା କରିଥିଲେ। ସେହିପରି ଜିଲାରେ କୋଭିଡ୍‌ ପରିଚାଳନା ଏବଂ ଏଥିରେ କେତେଜଣ ପୋଲିସ କର୍ମଚାରୀ ସଂକ୍ରମିତ ହୋଇଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ। ବୈଠକରେ ରାଜ୍ୟ ପୋଲିସ ଗୋଇନ୍ଦା ନିର୍ଦ୍ଦେଶକ, ଆଇଜି ଅପରେଶନ, କୋରାପୁଟ ଏସ୍‌ପି, ଏସ୍‌ଓଜି କମାଣ୍ଡାଣ୍ଟ, ବିଏସ୍‌ଏଫ୍‌, କୋବ୍ରାର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।


ମାଲକାନଗିରିରେ ଡିଜିପି ଅଭୟ ସମୀକ୍ଷା କରୁଛନ୍ତି।

ପରେ ଡିଜିପି ଅଭୟ ମାଲକାନଗିରି ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ପ୍ରଥମେ କୋଭିଡ୍‌ ଯୋଦ୍ଧାଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ସମ୍ମାନିତ କରିଥିଲେ। ପରେ ରୁଦ୍ଧ କୋଠରିରେ ଏକ ବୈଠକ ହୋଇଥିଲା। ଏଥିରେ ବିଏସ୍‌ଏଫ୍‌ ଏବଂ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ ମାଓବାଦୀ ଦମନ ରଣନୀତି ନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ସେହିପରି ବିଏସ୍‌ଏଫ୍‌ ଏବଂ ଜିଲା ପୋଲିସର ଉପସ୍ଥିତିରେ ମାଓବାଦୀ ଦମନ ଅଭିଯାନ, କରୋନା ପରିଚାଳନା ଏବଂ ଗଞ୍ଜେଇ ଚୋରାଚାଲାଣ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଆଲୋଚନା କରିଥିଲେ। ମାଓବାଦୀ ଦମନରେ ପୋଲିସ ସଫଳତା ପାଇଛି। ଜିଲାରେ ୩ଟି ସ୍ଥାନରେ ମାଓବାଦୀଙ୍କ ଗତିବିଧି ରହିଛି। କାଳିମେଳା, ତୁଳସୀ ପାହାଡ଼ ଏବଂ ସ୍ୱାଭିମାନ ଅଞ୍ଚଳରେ ଏମାନଙ୍କ ପ୍ରଭାବ ରହିଛି। ତେବେ କାଲିମେଳା ଏବଂ ତୁଳସୀ ପାହାଡ଼ରେ ପ୍ରଭାବ କମିଥିବାବେଳେ ସ୍ୱାଭିମାନ ଅଞ୍ଚଳରେ ଏବେ ମଧ୍ୟ ପ୍ରଭାବ ରହିଛି। ଏହି ଅଞ୍ଚଳରେ ମାଓବାଦୀଙ୍କୁ ଦମନ ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଡିଜିପି ପ୍ରକାଶ କରିଛନ୍ତି। ସ୍ୱାଭିମାନ ଅଞ୍ଚଳରେ ୬ ମାସ ମଧ୍ୟରେ ଅନେକ ଟେଲିଫୋନ ଟାୱାର ନିର୍ମାଣ କରାଯାଇଛି। ୬ଟି ଟାୱାର ନିର୍ମାଣ କାମ ସରିଛି। ୮ ରୁଟ୍‌ରେ କାମ ଚାଲିଥିବା ଡିଜିପି ସୂଚନା ଦେଇଥିଲେ। ଡିଜିପିଙ୍କ ଗସ୍ତ ସମୟରେ ଗୋଇନ୍ଦା ନିର୍ଦ୍ଦେଶକ ରାଧାକୃଷ୍ଣ ଶର୍ମା, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅନିରୁଦ୍ଧ ସିଂ, ଆଇଜି(ଅପରେଶନ) ଅମିତାଭ ଠାକୁର, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ୍‌ ଅହମ୍ମଦ କେ. ଉପସ୍ଥିତ ଥିଲେ।

### ଘରେ ନାଗକୁ ପଶିବାକୁ ଦେଲାନି କୁକୁର

ମାଲକାନଗିରି,୨୯।୮(ସ୍ୱ.ପ୍ର.)

ମାଲକାନଗିରି ଜିଲା ସଦର ମହକୁମାରେ ବସବାସ କରୁଥିବା ଜିତେନ୍ଦ୍ର ବେଉରାଙ୍କ ଘରେ ସମସ୍ତେ ଥିବା ବେଳେ ଗୋଟିଏ ନାଗ ସାପ ତାଙ୍କ ଘର ଭିତରକୁ ପଶି ଯାଉଥିଲା। ଏହି ସମୟରେ ତାଙ୍କ ପୋଷା କୁକୁର ରକି ତାକୁ ଘର ଭିତରକୁ ପଶିବାକୁ ଦେଇ ନ ଥିଲା। ସାପ ଫଣା ଟେକି କୁକୁରକୁ ମାରିବାକୁ ଉଦ୍ୟମ କରୁଥିଲା। ତେବେ ରକି କେବଳ ଭୁକି ଚାଲିଥିଲା। ସେ କାହିଁକି ଭୁକୁଛି ବୋଲି ଘର ଲୋକେ ଦେଖିବାକୁ ବାହାରକୁ ଆସିବାରୁ କୁକୁର ଓ ସାପ ମଧ୍ୟରେ ଛକାପଞ୍ଝା ଚାଲିଥିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ଆଖପାଖ ଲୋକଙ୍କୁ ଡାକି ଜିତେନ୍ଦ୍ର ସାପକୁ ଘଉଡାଇଥିଲେ। ମଣିଷ ପ୍ରତି କୁକୁରର ଏ ବିଶ୍ୱାସନୀୟତା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କଲା ଜିଲା ପ୍ରଶାସନ

**ଜାତୀୟ କ୍ରୀଡ଼ା ଦିବସ**

ମାଲକାନଗିରି,୨୯।୮(ସ୍ୱ.ପ୍ର.)

ରବିବାର ଥିଲା ଜାତୀୟ କ୍ରୀଡ଼ା ଦିବସ। ଏହି ଅବସରରେ ଜିଲା ପ୍ରଶାସନ ସ୍ପୋର୍ଟସ ଷ୍ଟାଡିୟମ ଇନ୍‌ଡୋର୍‌ ହଲ୍‌ରେ କୋଭିଡ୍‌ କଟକଣା ମାନି କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କରିଛି। ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ କ୍ରୀଡ଼ାରେ ଭାଗନେଇ ଜିଲା ପାଇଁ ଗୌରବ ଆଣିଥିବା ମାଲକାନଗିରିର ବ୍ଲକ ଏବଂ ପଞ୍ଚାୟତର କ୍ରୀଡାବିତ୍‌ଙ୍କୁ ପ୍ରଶଂସାପତ୍ର ଏବଂ ସ୍ମୃତିଫଳକ ପ୍ରଦାନ କରି ସମ୍ମାନିତ କରାଯାଇଛି। ଉପସ୍ଥିତ କ୍ରୀଡ଼ାବିତ୍‌ମାନେ ସେମାନଙ୍କ ସ୍ମୃତି ଓ ଅଭିଜ୍ଞତା ମଞ୍ଚରେ ବାଣ୍ଟିଥିଲେ। ପିଡି ଡିଆର୍‌ଡିଏ ବାଳମୁକୁନ୍ଦ ଭୂୟାଁ ଏବଂ ଜାତୀୟ ମହିଳା କ୍ରିକେଟର ରିତୁ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗଦେଇଥିଲେ। ସଭାପତିତ୍ୱ କରିଥିଲେ ଜିଲାପାଳ ମନୀଷ ଅଗ୍ରୱାଲ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ସାମନ୍ତରାୟ, ଡିଏସ୍‌ଓ କୁଳମଣି ନିଆଲ ଉପସ୍ଥିତ ଥିଲେ। ଏହି ଅବସରରେ ଜଣେ କ୍ରୀଡ଼ା ସଙ୍ଗଠକ ଓ ସାମାଜିକ କର୍ମୀ ରୂପେ ବିନାଶ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ରଞ୍ଜନ କୁମାର ମହାନ୍ତି, ନିତ୍ୟାନନ୍ଦ ପ୍ରଧାନଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।



ଜଣେ କ୍ରୀଡାବିତ୍‌ଙ୍କୁ ପ୍ରଶାସନ ପକ୍ଷରୁ ସମ୍ମାନୀତ କରାଯାଉଛି।

### ୮୬ କେଜି ଗଞ୍ଜେଇ ଜବତ,୨ଗିରଫ

କାଳିମେଳା/ଏମ୍‌ଭି ୭୯, ୨୯।୮(ଡି.ଏନ.ଏ.)

ମାଲାକନଗିରି ଜିଲା ମୋଟୁ ପୋଲିସ ୮୬ କେଜି ଗଞ୍ଜେଇ ଜବତକରି ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ୫ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏକ ପିକ୍‌ଅପ୍‌ ଭ୍ୟାନ୍‌ ସହ ଏକ ବାଇକ ମଧ୍ୟ ଜବତ ହୋଇଛି। ଗିରଫ ୨ ଅଭିଯୁକ୍ତ ହେଲେ କାଳିମେଳା ଅଞ୍ଚଳର ଆଦିତ୍ୟ ମାଡ଼ି(୨୫) ଏବଂ ଏମ୍‌ପିଭି-୫୫ ଗ୍ରାମର ପ୍ରସନ୍ନଜିତ କରମଦାର(୨୮)। ମୋଟୁ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ନିମାଇଁ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍‌ ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏମ୍‌ଭି-୮୮ ନିକଟସ୍ଥ ଅନନ୍ତପାଲି ଗ୍ରାମ ନିକଟରେ ଏକ ପିକ୍‌ଅପ୍‌ ଭ୍ୟାନ୍‌ ଯାଉଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ଏକାଧିକ ବାଇକରେ କେତେଜଣ ଲୋକ ମଧ୍ୟ ଥିଲେ। ତେବେ ପୋଲିସକୁ ଦେଖି ଘଟଣାସ୍ଥଳରୁ ୫ ଜଣ ଫେରାର ହୋଇଯାଇଥିଲେ। ୨ ଜଣ ପୋଲିସ ହାବୁଡରେ ପଡିଥିଲେ। ପିକ୍‌ଅପ୍‌ ଭ୍ୟାନ୍‌କୁ ଯାଞ୍ଚ କରିବାରୁ ସେଥିରୁ ପ୍ଲାଷ୍ଟିକ ବସ୍ତାରେ ଥିବା ଗଞ୍ଜେଇ ମିଳିଥିଲା। ଏ ନେଇ ମୋଟୁ ଥାନାରେ କେସ୍‌ ନଂ. ୫୭/୨୦ରେ ମାମଲା ରୁଜୁ ହୋଇଛି। ୨ ଗଞ୍ଜେଇ ବେପାରୀଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇ ହାଇଦ୍ରାବାଦ ଯାଉଥିଲା ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି।

### ଜାତୀୟ କ୍ରୀଡ଼ା ଦିବସରେ ୨ ସମ୍ମାନିତ


ଅତିଥିମାନେ ଜଣେ ଖେଳାଳିଙ୍କୁ ସମ୍ମାନିତ କରୁଛନ୍ତି।

କାଲିମେଳା,୨୯।୮(ଡି.ଏନ୍‌.ଏ)

ଜାତୀୟ କ୍ରୀଡ଼ା ଦିବସ ଅବସରରେ କାଲିମେଳା ବ୍ଲକ ସଦର ମହକୁମାସ୍ଥିତ ମା' ଭୈରବୀ ଯୁବକ ସଂଘର ସଦସ୍ୟ ନିରଞ୍ଜନ ଗୁରୁ ଓ ପ୍ରାଣୀ ଚିକିତ୍ସକ ଯଶବନ୍ତ କୁମୁଟିଙ୍କୁ ସମ୍ମାନିତ କରାଯାଇଛି। ପ୍ରାଣୀ ଚିକିତ୍ସାଳୟ ପରିସରରେ କୋଭିଡ୍‌-୧୯ ନିୟମ ମାନି ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ବିଡିଓ ଉମାଶଙ୍କର ଦଳାଇ ଏବଂ ତହସିଲଦାର ଆଲୋକ କୁମାର ଅନୁଗୁଳିଆ ଅତିଥି ଭାବେ ଯୋଗଦେଇ ହକିର ଜନକ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ହକି ପ୍ରତି ଧ୍ୟାନଚାନ୍ଦଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ହିମାଂଶୁ ଶେଖର ବୈଦ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବକ ସଂଘ ସମ୍ପାଦକ ସଞ୍ଜୟ ସରକାର, ଆକାଶ ପ୍ରଧାନ,ଅଜୟ ସରକାର,ବିନୋଦ ମହାନ୍ତି, କାମସେନ ପ୍ରଧାନ, ବିନୋଦ ସାହୁ, ଯନ୍ତ୍ରୀ ପିଥୋ ସୋରେନ, ଦିବ୍ୟସିଂ ପାଇକରାୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ନିକଟରେ ନିରଞ୍ଜନ ଗୁରୁତର ହୋଇ ପଡିଥିବା ଏକ ଗାଈକୁ ଚିକିତ୍ସା କରାଇ ସେବା କରିଥିଲେ। ତାଙ୍କୁ ପ୍ରାଣୀ ଚିକିତ୍ସକ କୁମୁଟି ସହାୟତା କରିଥିଲେ।

# ଜୟପୁରରୁ ନାମ ପଞ୍ଜୀକରଣ କଲେ ୨୭

**ଜେଇଇ ପ୍ରବେଶିକା ପରୀକ୍ଷା**

ଜୟପୁର,୨୯।୮(ଡି.ଏନ.ଏ)

ଆସନ୍ତା ୧ରୁ ୬ ତାରିଖ ମଧ୍ୟରେ ସାରା ଦେଶରେ ଜେଇଇ (ମେନ୍‌) ରାଜ୍ୟର ୭ଟି ସହରର ୨୬ଟି କେନ୍ଦ୍ରରେ ପରୀକ୍ଷା ହେବ। ପରୀକ୍ଷାର୍ଥୀଙ୍କ ବସ ଯୋଗେ ବିନା ମୂଲ୍ୟରେ ଯାତ୍ରା କରିବା ଏବଂ ସହରରେ ରହିବା ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି। ରାଜ୍ୟର ସମସ୍ତ ଜିଲାରେ ଆଇଟିଆଇଗୁଡିକୁ ନୋଡାଲ କେନ୍ଦ୍ର ଭାବେ ଅଧକ୍ଷମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧ରୁ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ପରୀକ୍ଷା ପାଇଁ କୋରାପୁଟ ଜିଲାରୁ ୨୭ଜଣ ପରୀକ୍ଷାର୍ଥୀ ଶନିବାର ସନ୍ଧ୍ୟା ସୁଦ୍ଧା ଆମ୍ବାଗୁଡାସ୍ଥିତ ଗୋପବନ୍ଧୁ ଆଇଟିଆରେ ନାମ ପଞ୍ଜୀକରଣ କରିଥିବା ନୋଡାଲ ଅଧିକାରୀ ତଥା ଅଧକ୍ଷ ଶିଶିର ଦଳେଇ କହିଛନ୍ତି। ଏଥିରେ ଭୁବନେଶ୍ୱର ପାଇଁ ୧୫ ଏବଂ ବ୍ରହ୍ମପୁର ପାଇଁ ୧୨ ଜଣ ରହିଛନ୍ତି। ରବିବାର ପୂର୍ବାହ୍ନ ୯ରେ ବସ ଆମ୍ବାଗୁଡା ନୋଡାଲ କେନ୍ଦ୍ରରୁ ବାହାରିବ। ସେହିପରି ୩ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରବେଶିକା ପରୀକ୍ଷା ପାଇଁ ବସ ଏଠାରୁ ଯାତ୍ରା ଆରମ୍ଭ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିରେ ପରୀକ୍ଷାର୍ଥୀଙ୍କ ସମେତ ଅଭିଭାବକମାନେ ମଧ୍ୟ ବିନା ମୂଲ୍ୟରେ ଯାତ୍ରା କରିପାରିବେ।

### ଦୁଇ ବାଇକ ମୁହାଁମୁହିଁ, ୨ ଗୁରୁତର

ଦଶମନ୍ତପୁର,୨୯।୮(ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରଥାନା ଅଧୀନ ବିଦ୍ୟୁତ୍‌ କାର୍ଯ୍ୟାଳୟ ସମ୍ମୁଖରେ ୨ବାଇକ ମୁହାଁମୁହିଁ ହୋଇଛି। ଫଳରେ ୨ଜଣ ଗୁରୁତର ହୋଇଛନ୍ତି। ଦଶମନ୍ତପୁର ପଞ୍ଚାୟତ ବଦଳି କୁଡୁମା ଗ୍ରାମର ଜଣେ ମହିଳା ନିଜ ଘର ଗିର୍ଲିଗୁମ୍ମା ପଞ୍ଚାୟତ ତରଳାଘାଟ ଗ୍ରାମରେ ପହଞ୍ଚାଦେବା ପାଇଁ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଅନୁରୋଧ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ମହିଳାଙ୍କୁ ଗାଁରେ ପହଞ୍ଚାଇ ତାଙ୍କ ଘରେ ବସିଥିବା ସମୟରେ ମହିଳାଙ୍କ ପୁଅ ମିଥୁନ ଗଉଡ଼ ବାଇକ (ଓଆର୍‌୧୦ଏଫ୍‌-୩୬୪୦)କୁ ଚୋରି ନେଉଥିବା ସମୟରେ ଅପରପାର୍ଶ୍ୱରୁ ତମ୍ବାଗୁଡା ପଞ୍ଚାୟତକୁ ଯାଉଥିବା ଦୁର୍ଯ୍ୟୋଧନ ନାୟକ ଏବଂ କୃପା ନାୟକଙ୍କ ବାଇକ ( ଓଆର୍‌୧୦ଡି-୧୯୦୭) ସହ ଧକ୍କା ହୋଇଥିଲା। ଫଳରେ ୨ଜଣ ଗୁରୁତର ଆହତ ହୋଇଥିଲେ। ସାମାଜିକ କର୍ମୀ ଗୌରୀଶଙ୍କର ଗଉଡ଼ ଏବଂ ରାଜ ଖରା ଉଭୟଙ୍କୁ ଏକ ଅଟୋ ଯୋଗେ ଦଶମନ୍ତପୁର ଡାକ୍ତରଖାନାକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ପହଞ୍ଚି ବାଇକ ୨ଟିକୁ ଜବତ କରିଛନ୍ତି।

### ବନ ବିଭାଗ ଜାଗାରୁ ହେଲା ଜବରଦଖଲ ଉଚ୍ଛେଦ

କାଲିମେଳା,୨୯।୮(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ମୋଟୁ ବନାଞ୍ଚଳ ଅଧୀନରେ ଥିବା ମୋଟୁ ଅଞ୍ଚଳର ଏକ ଜାଗାକୁ ଜଣେ ବ୍ୟକ୍ତି ଜବରଦଖଲ କରି ସେଠାରେ ତାରବାଡ ଦେଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରବାରୁ ମୋଟୁ ବନ ବିଭାଗ ଉକ୍ତ ସ୍ଥାନରେ ଚଢାଉ କରିଥିଲା। ତାରବାଡକୁ ଉଠାଇ ନେଇଯାଇଥିବା ଜଣାପଡିଛି। ବନାଞ୍ଚଳ ଅଧିକାରୀ ବଲରାମ ନାୟକଙ୍କ ନେତୃତ୍ୱରେ ଫରେଷ୍ଟର ବିଦ୍ୟୁତ ବିଶ୍ୱାସ, ଗାର୍ଡ ସୁମିତ ବିଶ୍ୱାସ,ଏ. ଶ୍ରୀନିବାସ ରାଓ, ବଳରାମ ପାଣିଗ୍ରାହୀ ଏହି ଚଢାଉରେ ସାମିଲ ହୋଇଥିଲେ। ମୋଟୁ ସ୍ଥିତ କାଲେରୁ ବ୍ରିଜ ନିକଟରେ ବନବିଭାଗର ଥିବା ପ୍ରାୟ ୧ଏକର ଜଙ୍ଗଲଜମିକୁ ବ୍ୟକ୍ତିଜଣକ ଜବରଦଖଲ କରି ତାରବାଡ ଘେରାଇ ପାଚେରି ନିର୍ମାଣ କରୁଥିଲେ। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ସେହି ସ୍ଥାନରେ କିଛି ଚାଷ ଜମି ରହିଛି। ଫସଲକୁ ଗାଈ ଖାଇ ଦେଉଥିବାରୁ ସୁରକ୍ଷା ପାଇଁ ସେ ଏହି ତାରବାଡ ଲଗାଇଥିଲେ ବୋଲି କହିଛନ୍ତି। ଏ ନେଇ ଫରେଷ୍ଟର ବିଶ୍ୱାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଚାଷ ପାଇଁ ସମ୍ପୃକ୍ତ ବ୍ୟକ୍ତି ଜଣକ ଘେରାଇଥିବା ବାଡକୁ ଆମେ ସଫା କରିଦେଇଛୁ। ମୋଟୁ ସଦର ମହକୁମା ଜାତୀୟ ରାଜପଥ କଡରେ ଥିବା ଏହି ଜଙ୍ଗଲ ଜମିକୁ ଜଣେ ବ୍ୟକ୍ତି ଅକ୍ତିଆର କରି ସେଠାରେ ତାରବାଡ ସହ ପାଚେରି କରିବା ନେଇ ଦାଇତ୍ୱରେ ଥିବା ରେଞ୍ଜର କିମ୍ବା କର୍ମଚାରୀମାନେ କିପରି ଜାଣିପାରିଲେନି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।


ବନବିଭାଗ କର୍ମଚାରୀମାନେ ଜବରଦଖଲକୁ ଉଚ୍ଛେଦ କରୁଛନ୍ତି।

# ଅଳ୍ପ ଜ୍ଞାନରେ ଅଧିକ କଥା କହୁଛି ଭାଜପା

**ଜାତୀୟ ରାଜପଥ ରାସ୍ତା ମରାମତି ପ୍ରସଙ୍ଗ**

ଜୟପୁର,୨୮।୯(ଡି.ଏନ.ଏ.)

କୋରାପୁଟ ଜିଲା ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର ରାସ୍ତା ମରାମତିକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ରାଜନୀତି ଆରମ୍ଭ ହୋଇଛି। ଗୁରୁବାର ଭାଜପା ଏକ ଖବରଦାତା ସମ୍ମିଳନୀ କରିଥିଲା। ଏହାକୁ ଶନିବାର ବିଜେଡି ପକ୍ଷରୁ ବିରୋଧ କରାଯାଇଛି। ଏକ ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ କୁହାଯାଇଛି ଯେ, ଭାଜପା ନେତାମାନେ ସ୍ୱଳ୍ପ ଜ୍ଞାନରେ ଅଧିକ କଥା କହି ସେମାନଙ୍କ ଅଜ୍ଞାନତାର ପରିଚୟ ଦେଉଛନ୍ତି। ରାସ୍ତା ମରାମତିକୁ ନେଇ ଭାଜପା ରାଜନୀତି କରୁଥିବା ବିଜେଡି ଅଭିଯୋଗ କରି ଏହି ରାସ୍ତା ମରାମତି ଓ ନିର୍ମାଣ କାର୍ଯ୍ୟ ରାଜ୍ୟ ସରକାରଙ୍କ ଜାତୀୟ ରାଜପଥ ବିଭାଗର ବୋଲି କହିବା ହାସ୍ୟାସ୍ପଦ। ଏହାର ଟେଣ୍ଡର ଆହ୍ୱାନ ସଡକ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ହୋଇଛି। ୭୯କୋଟି ୯୧ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ କାର୍ଯ୍ୟର ବିଲ୍‌, ଟଙ୍କା ପୈଠ କରାଯାଉଛି। ଏହାର ମାନ ଏବଂ ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟ କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଜାତୀୟ ରାଜପଥ ବିଭାଗ କେବଳ ଏହାର ତଦାରଖ କରିବା ସହିତ କେନ୍ଦ୍ରକୁ ରିପୋର୍ଟ ଦେବେ ବୋଲି ବିଜେଡି ପ୍ରକାଶ କରିଛି। ଏହି ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ସଦସ୍ୟ ରମାନାଥ ମିଶ୍ର, ଶିବ ପଟ୍ଟନାୟକ, ହରପ୍ରସାଦ ମିଶ୍ର, ବିନୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

